## ବାଇକ୍ ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୫।୫: ଅନୁଗୋଳ ସଦର ଥାନା ଖଣ୍ଡହତାରେ ବୁଧବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ ହୋଇଛି। ମୃତ ବୃଦ୍ଧା ଜଣକ ହେଉଛନ୍ତି ସୁଫଳା ସାହୁ(୭୨)। ଖବରପାଇ ପୋଲିସ ପହଞ୍ଚି ବାଇକ୍ ଜବତ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବୁଧବାର ସକାଳେ ସୁଫଳା ଶୌଚ ହେବାକୁ ଯାଉଥିବା ବେଳେ ଏକ ବାଇକ (ନଂ. ଓଡି୧୯କ୍ୟୁ-୬୬୪୯) ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ଛାତ୍ର ମୃତ

କଣିହାଁ,୨୫।୫(ଡି.ଏନ.ଏ.): କଣିହାଁ ବ୍ଲକ ଏନ୍‌ଟିପିସି ପାଣି ପମ୍ପ ହାଉସ ନିକଟ ବ୍ରାହ୍ମଣୀ ନଦୀରେ ଗାଧୋଇବା ବଳେ ବୁଧବାର ଅପରାହ୍ନରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଜିଗୋଳ ଗ୍ରାମର ବିଜୟ ଖୁଣ୍ଟିଆଙ୍କ ପୁଅ ବିଶ୍ୱଜିତ୍ ଖୁଣ୍ଟିଆ(୧୪)। ଖବରପାଇ କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିଶ୍ୱଜିତ୍‌ଙ୍କ ମୃତଦେହ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ, ବୁଧବାର ବିଶ୍ୱଜିତ୍‌ଙ୍କ ଜଣେ ସାଙ୍ଗଙ୍କ ଜନ୍ମଦିନ ଥିଲା। ଜନ୍ମଦିନ ପାଳନରେ ଯୋଗ ଦେଇଥିବା ସାଙ୍ଗମାନଙ୍କ ମଧ୍ୟରୁ ଦୁଇଜଣ ବିଶ୍ୱଜିତ୍‌ଙ୍କ ସହ ଗାଧୋଇବାକୁ ଯାଇଥିଲେ। ତେବେ ବିଶ୍ୱଜିତ୍‌ଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପରେ କଣିହାଁ ଅଗ୍ନିଶମ କର୍ମଚାରୀ ରୋହିତ ବେହେରା ଓ ଅନ୍ୟମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏନ୍‌ଟିପିସି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ମେଡିକାଲ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସମବାୟ ନିର୍ବାଚନ ପ୍ରସ୍ତୁତି ବୈଠକ

କଣିହାଁ,୨୫।୫(ଡି.ଏନ.ଏ.): ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶକ୍ରମେ ସମବାୟ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସେବା ସମବାୟ ସମିତି ସଭାପତି ସୁବାସ ଚନ୍ଦ୍ର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବୁରୁକୁନା ପଞ୍ଚାୟତ ସମିତି ସଭ୍ୟ ଯୁଗଳ କିଶୋର ସାହୁ ଅତିଥି ଭାବେ ଯୋଗଦେଇ କିପରି ଭାବେ ସମବାୟ ନିର୍ବାଚନ ହେବ ଓ ସମସ୍ତ ନିର୍ଦ୍ଦେଶକ ପଦ ବିଜେଡି ଦଖଲ କରିବ, ସେ ବିଷୟରେ ଆଲୋଚନା କରିଥିଲେ। କଣିହାଁ ବ୍ଲକ ପରାବିଲ ସେବା ସମବାୟ ସମିତି ନିର୍ବାଚନ ଆଗାମୀ ଜୁନ ୨୬ତାରିଖ ଦିନ ଅନୁଷ୍ଠିତ ହେବ। ଏଥିରେ କର୍ଣ୍ଣ ପାଳ, ବିରୁ, ପରାବିଲ ପଞ୍ଚାୟତର ବିଜେଡି ସଭାପତି, ସମ୍ପାଦକ, ବହୁ ବିଜେଡି କର୍ମୀ ଯୋଗ ଦେଇ କିଭଳି ଭାବେ ନିର୍ବାଚନ ପରିଚାଳନା କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ରବିଚନ୍ଦ୍ର ରାଉତ, ପର୍ଶୁରାମ ବିଶାଳ, ଅବନୀ କାନ୍ତ ଦେହୁରୀ, ସମ୍ପାଦକ ଦେବରାଜ ପ୍ରଧାନ, ଧ୍ରୁବଚରଣ ବିଶାଳ, ବିରଞ୍ଚି ନାରାୟଣ ସାହୁ, ଗୌର ଚନ୍ଦ୍ର କବି ପ୍ରମୁଖ ଯୋଗ ଦେଇଥିଲେ।

### ୨ ବଖରା ଜଳିଗଲା

କଣିହାଁ,୨୫।୫(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ପଞ୍ଚାୟତ ବିଲିଣ୍ଡା ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଲିପୁନ ଗୋଚ୍ଛାୟତଙ୍କ ୨ ବଖରା ପୋଡ଼ିଯାଇଛି। କଣିହାଁ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ବୁଧବାର ଅଗ୍ନିକାଣ୍ଡ ସମ୍ପର୍କରେ ଖବରପାଇ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେଇଥିଲେ। ଏଥିସହିତ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜଣେ ସମ୍ପର୍କୀୟ ତାଙ୍କ ଘର ପୋଡ଼ି ଦେଇଥିବା ଲିପୁନ ଲିଖିତ ଭାବେ ଜଣାଇଥିବା ଅଗ୍ନିଶମ ଅଧିକାରୀ ରୋହିତ ବେହେରା ସୂଚନା ଦେଇଛନ୍ତି।

### ଅର୍ଥନୈତିକ ଅବରୋଧ ନେଇ ଦାବିପତ୍ର

ତାଳଚେର,୨୫।୫(ନି.ପ୍ର.)- ଆସନ୍ତା ଜୁନ୍ ୧ ତାରିଖଠାରୁ ତାଳଚେରରେ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ କରାଯିବା ନେଇ ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟ ସରକାର ତାଳଚେର ମେଡିକାଲ କଲେଜକୁ ସରକାରୀ ଭାବେ ଚଳାଇବା ପାଇଁ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ ମଧ ପ୍ରୟାସ କରିଛନ୍ତି। କିନ୍ତୁ କ୍ରିୟାନୁଷ୍ଠାନ କମିଟିର ଦାବି ଅନୁଯାୟୀ ନିର୍ଦ୍ଦିଷ୍ଟ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତେଣୁ କ୍ରିୟାନୁଷ୍ଠାନ କମିଟି ସରକାରଙ୍କ ପତ୍ରକୁ ସମ୍ମାନ ଦେଇ ଗତ ତାରିଖରେ ତାଳଚେର ବନ୍ଦକୁ ସ୍ଥଗିତ ରଖିଥିଲା। ଯଦି ଆସନ୍ତା ୩୧ ତାରିଖ ସୁଦ୍ଧା ସରକାର ମେଡିକାଲ କଲେଜ ସମ୍ବନ୍ଧୀୟ ବିଜ୍ଞପ୍ତି ଜାରି ନ କରନ୍ତି, ତା'ହେଲେ କମିଟିର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଜୁନ ୧ ତାରିଖ ଠାରୁ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ ବାଲି ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ନଗରପାଳ କେଶବ ଭୂତିଆ, ପର୍ଶୁରାମ ସାମଲ, ପ୍ରହଲାଦ ଚନ୍ଦ୍ର ସାହୁ, ମାନସୀ ସ୍ୱାଇଁ, ମୁରଲୀଧର ଖଟୁଆ, ରଙ୍ଗାଧର ନାହାକ, ସୁକାନ୍ତ କୁମାର ଦାସ, କୈଳାସ ଚନ୍ଦ୍ର ସାହୁ, ବିଭୂତି ପ୍ରଧାନ, ଅକ୍ଷୟ କୁମାର ଗଡାନାୟକ ପ୍ରମୁଖ ଲିଖିତ ଭାବେ ଜଣାଇଛନ୍ତି।

# ବିପଦ ଜଳ ଜଳ, ବଦଳାଯାଉନି

ବଅଁରପାଳ,୨୫।୫ (ଡି.ଏନ.ଏ.)



- ପୁରୁଣା ଖୁଣ୍ଟ, ତାରରେ ଚାଲିଛି ବିଦ୍ୟୁତ୍ ସେବା
- ଦୈନିକ ଘଣ୍ଟା ଘଣ୍ଟା ହେଉଛି ପାୱାର କଟ୍
- ବଅଁରପାଳରେ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ

କେଉଁଠି ବିଦ୍ୟୁତ୍ ଖୁଣ୍ଟର ମୂଳ ନଷ୍ଟ ହୋଇଗଲାଣି ତ ଆଉ କେଉଁଠି ଖୁଣ୍ଟ ବାଙ୍କି ଗଲାଣି। ଅନେକ ସ୍ଥାନରେ ନିର୍ଦ୍ଧାରିତ ଉଚ୍ଚତାଠାରୁ ତଳକୁ ଓହଳି ରହିଛି ଏଲ୍‌ଟି ଲାଇନ ତାର। ସାମାନ୍ୟ ବର୍ଷା ପବନ ହେଲେ ବାରମ୍ବାର ଛିଣ୍ଡିଯାଉଛି ତାର। ଦୀର୍ଘବର୍ଷ ହେଲା ଏପରି ଦଦରା ଭିତ୍ତିଭୂମିରେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ ଚାଲିଛି ବିଦ୍ୟୁତ୍ ସେବା। ଫଳରେ ଦୈନିକ ଏକାଧିକ ଥର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଘଣ୍ଟା ଘଣ୍ଟା ଧରି ପାୱାର କାଟିଦିଆଯାଉଛି। ଗତ କିଛିଦିନ ହେଲା ଏପରି ଅଘୋଷିତ ବିଦ୍ୟୁତ୍ କାଟ ଜାରି ରହିଥିବାରୁ ବଅଁରପାଳର ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅନୁଗୋଳ ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅନେକ ସମୟରେ ଜିଲାରେ ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ସକାଳୁ ଟାଣ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁ ବାହାରକୁ ବାହାରିବା ଲୋକଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଏପରି ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ସମସ୍ୟାକୁ ଅଧିକ ବଢ଼ାଇ ଦେଉଛି। କେହି ଅଭିଯୋଗ କଲେ କେତେବେଳେ ଗଛକଟା ଯାଉଛି ତ ପୁଣି କେବେ ମେଣ୍ଟେନାନ୍ସ ଚାଲିଥିବା କହି ବିଭାଗ ପକ୍ଷରୁ ବୁଝାଇ ଦିଆଯାଉଛି। ହେଲେ ବିଦ୍ୟୁତ୍ ବିଭାଗ ପକ୍ଷରୁ କିପରି ମେଣ୍ଟେନାନ୍ସ କରାଯାଉଛି, ତାହାର ଉଦାହରଣ ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଖୋଦ୍ ନାଲ୍‌କୋ ମେନ୍‌ଗେଟ୍ ନିକଟ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ବାଙ୍କିଯାଇ ବିପଦସଙ୍କୁଳ ଅବସ୍ଥାରେ ଥିଲେ ମଧ ତାହାକୁ ବଦଳାଯାଉ ନାହିଁ। କେବଳ ଏହି ଗୋଟିଏ ଖୁଣ୍ଟ ନୁହେଁ, ଏପରି ଶତାଧିକ ସ୍ଥାନରେ ବିଦ୍ୟୁତ୍ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ତଥାପି ବର୍ଷ ପରେ ବର୍ଷ ବିତୁଥିଲେ ବି ସେସବୁ ଖୁଣ୍ଟ ଓ ତାର ବଦଳାଯାଉ ନାହିଁ କି ଏହି ଜରୁରୀ ସେବାର ଉନ୍ନତୀକରଣ କରାଯାଉ ନାହିଁ। ବିଲ୍ ଆଦାୟ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଯେପରି ତତ୍ପରତା ଦେଖାଉଛନ୍ତି, ତାହା ସେବା କ୍ଷେତ୍ରରେ ଦେଖିବାକୁ ମିଳୁନାହିଁ। ବରଂ ତାର ଛିଣ୍ଡିଗଲେ ତାହାକୁ ଯୋଡ଼ି କାମ ଚଳାଇ ନିଆଯାଉଛି। ଦୀର୍ଘଦିନ ଧରି ଏପରି ଅବ୍ୟବସ୍ଥା ଯୋଗୁ ବଅଁରପାଳ, ନୂଆହତା, ବୁଢ଼ାପଙ୍କ, ଗଡସନ୍ତ୍ରୀ, ଖଳିବେରେଣା, କଲଣ୍ଡାପାଳ, ଗୋତମରା, ଶାଳଗାଡିୟା, ତଳମୂଳ, ମହୀଧରପୁର, କୁଲାଡ଼, ଗିରାଙ୍ଗ, ନାଲ୍‌କୋ ଓ ବଳରାମପ୍ରସାଦ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ବାରମ୍ବାର ଦେଖାଦେଉଥିବା ଲୋକେ ଅଭିଯୋଗ କରିଛନ୍ତି।

**ଉପଭୋକ୍ତା ହଇରାଣ ହେଉଛନ୍ତି**



"ବଅଁରପାଳରେ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ଲାଇନ ରହୁ ନ ଥିବାରୁ ସହସ୍ରାଧିକ ଉପଭୋକ୍ତା ହଇରାଣ ହେଉଛନ୍ତି। ପୁରୁଣା ଖୁଣ୍ଟ ଓ ତାର ବଦଳାଯାଉ ନାହିଁ।

-ଉଷାରାଣୀ ସ୍ୱାଇଁ, କୁଲାଡ଼ ସରପଞ୍ଚ

**ଦୁର୍ବଳ ଭିତ୍ତିଭୂମି ଦାୟୀ**



ବହୁ ସ୍ଥାନରେ ପୁରୁଣା ତାର ଅତି ତଳକୁ ଓହଳି ରହିଛି। କେତେକ ସ୍ଥାନରେ ଖୁଣ୍ଟଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲେ ସୁଦ୍ଧା ତାହାକୁ ବଦଳାଯାଉ ନାହିଁ। ଏପରି ଦୁର୍ବଳ ଭିତ୍ତିଭୂମି ବିଦ୍ୟୁତ୍ ବିଭ୍ରାଟର ପ୍ରମୁଖ କାରଣ।

- ପ୍ରଭାସ ସାମଲ, ଗିରାଙ୍ଗ

**ଅତିଷ୍ଠ ହୋଇପଡ଼ିଲୁଣି**



"ଟାଣ ଖରାକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ବାରମ୍ବାର ବିଦ୍ୟୁତ୍‌କାଟ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏ ନେଇ ଅଭିଯୋଗ କରାଗଲେ ମଧ କୌଣସି ପ୍ରତିକାର ହେଉନାହିଁ। ଫଳରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି।

-ବିଭୂତି ଦଳବେହେରା, ନୂଆହତା

**କାଳବୈଶାଖୀ ଯୋଗୁ ପାୱାର କଟ୍**

"ପ୍ରତିଦିନ ବିଦ୍ୟୁତ୍ କାଟ କରାଯାଉନାହିଁ। ୨ରୁ ୩ ଦିନ ହେଲା କାଳବୈଶାଖୀ କାରଣରୁ ଏପରି ବିଦ୍ୟୁତ୍‌କାଟ କରାଯାଉଥିଲା। ଯେଉଁ ସ୍ଥାନରେ ପୁରୁଣା ତାର ଓ ବିପଦସଙ୍କୁଳ ଖୁଣ୍ଟ ରହିଛି, ତାହାକୁ ବଦଳାଯିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

-ଶୁଭାଶିଷ ମହାନ୍ତି, କନିଷ୍ଠ ଯନ୍ତ୍ରୀ, ବଅଁରପାଳ ବିଦ୍ୟୁତ୍ ବିଭାଗ

# ଅନାଥ ଯୁବକଙ୍କ ମୃତଦେହ ସତ୍କାର କଲେ

ପାଲଲହଡା,୨୫।୫(ଡି.ଏନ.ଏ.)

**ମାନବିକତା ଦେଖାଇଲେ ସ୍ୱେଚ୍ଛାସେବୀ**

ଜଣେ ଅନାଥ ଯୁବକଙ୍କ ମୃତଦେହ ସତ୍କାର କରି ପାଲଲହଡାର ସ୍ୱେଚ୍ଛାସେବୀ ସଙ୍ଗଠନ ମା କୁଣ୍ଢେଇବୀରାର କର୍ମକର୍ତ୍ତାମାନେ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖମାର ଥାନା ମୁଣ୍ଡୁରିବେଡା ଗ୍ରାମ ନୂଆସାହିର ୨୩ ବର୍ଷୀୟ ଦୀପୁ ମହାକୁଳଙ୍କ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସକାଳେ ମୃତ୍ୟୁ ହୋଇଥିଲା। ଦୀପୁଙ୍କ ମା ଏବଂ ବାପାଙ୍କ ପୂର୍ବରୁ ମୃତ୍ୟୁ ହୋଇସାରି ଥିବାବେଳେ ନିଜର ବୋଲି ଅନ୍ୟ କେହି ନ ଥିଲେ। ତେଣୁ ଦୀପୁଙ୍କ ମୃତଦେହ କିଏ ଗ୍ରହଣ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏପରି କି ପୋଲିସଠାରୁ ଖବରପାଇ ଜଣେ ସମ୍ପର୍କୀୟ ଭଉଣୀ ଚିକିତ୍ସାଳୟରେ ପହଞ୍ଚି ଥିଲେ ସେ ମୃତଦେହ ସଂସ୍କାର କରିବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଖବର ପାଇ ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ମା କୁଣ୍ଢେଇବୀରାର କର୍ମକର୍ତ୍ତାମାନେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ସତ୍କାର ନେଇ ଆଗ୍ରହ ପ୍ରକାଶ କରିଥିଲେ। ପୋଲିସ ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ସମସ୍ତ ପ୍ରକ୍ରିୟା ଶେଷ କରିବା ପରେ ସଙ୍ଗଠନ କର୍ମକର୍ତ୍ତାମାନେ ସମ୍ପର୍କୀୟ ଭଉଣୀଙ୍କ ଉପସ୍ଥିତିରେ ମୃତଦେହ ଗ୍ରହଣ କରି ସଂସ୍କାର କାର୍ଯ୍ୟ ସମାପନ କରିଥିଲେ। ସଙ୍ଗଠନର ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।



ସଙ୍ଗଠନର କର୍ମକର୍ତ୍ତାମାନେ ମୃତଦେହ ସତ୍କାର କରୁଛନ୍ତି।

# ବିଦ୍ୟାଳୟର ବିକାଶ ଉପରେ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୨୫।୫(ଡି.ଏନ.ଏ.)

ପୁରାତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟର ବିକାଶ ହୋଇପାରିବ। ତେଣୁ ସମସ୍ତେ ଏକଜୁଟ୍ ହୋଇ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ବୁଧବାର କିଶୋରନଗର ବ୍ଲକ ଇଚ୍ଛାପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନ କମିଟିର ପ୍ରସ୍ତୁତି ବୈଠକରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସରପଞ୍ଚ ନୟନା ମାଟିଆରୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ କୁମାର ସାହୁ, ଭାଗୀରଥି ସାହୁ, ଜେନାମଣି ସାହୁ, ବାପୁଜୀ ଦେହୁରୀ, ବିଶ୍ୱନାଥ ସାହୁ, ଶିକ୍ଷକ କ୍ଷିତିରଞ୍ଜନ ଦେହୁରୀ, ସୁଧାକର ସ୍ୱାଇଁ, ଜୟନ୍ତ ଦେହୁରୀ, ପ୍ରଦୀପ ସାହୁ, ବିକାଶ ରଞ୍ଜନ ଦାସ, ଭୁବନ ନାୟକଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ। ସ୍ମାର୍ଟସ୍କୁଲ ହୋଇଥିଲେ ମଧ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। କିଭଳି ବିଦ୍ୟାଳୟର ବିକାଶ ହେବ ସେଥିପାଇଁ ପୁରାତନ ଛାତ୍ରୀଛାତ୍ରମାନେ ପାଣ୍ଠି ବଢାଇବାକୁ ପରାମର୍ଶ ଦେଇଥିଲେ।

# ପରିଚୟପତ୍ର ନ ଥିବାରୁ ହଟହଟା

ଅନୁଗୋଳ ଅଫିସ, ୨୫।୫

୫୫ନଂ. ଜାତୀୟ ରାଜପଥର ଅନୁଗୋଳ ପଞ୍ଚମହଲା ନିକଟରେ ବୁଧବାର ସିଟି ଜିଏସ୍‌ଟି ଅନୁଗୋଳ ଶାଖା କର୍ମଚାରୀମାନେ ବିଭିନ୍ନ ମାଲବୁହା ଗାଡି ଅଟକାଇ ପରିବହନ ହେଉଥିବା ସାମଗ୍ରୀର କାଗଜପତ୍ର ଯାଞ୍ଚ କରିବା ବେଳେ ହଟହଟାର ସମ୍ମୁଖୀନ ହୋଇଛନ୍ତି। ଆବଶ୍ୟକ କାଗଜପତ୍ର ନ ଥିବାରୁ ଜଣେ ବ୍ୟବସାୟୀଙ୍କୁ ସିଟି ଜିଏସ୍‌ଟି କର୍ମଚାରୀମାନେ ଜରିମାନା କରିଥିଲେ। ହେଲେ ସମ୍ପୃକ୍ତ ବ୍ୟବସାୟୀ କର୍ମଚାରୀଙ୍କ ପରିଚୟ ମାଗିବା ସହ ପରିଚୟପତ୍ର ଦେଖାଇବାକୁ କହିଥିଲେ। କର୍ମଚାରୀମାନେ ପରିଚୟପତ୍ର ଅଫିସରେ ଥିବା କହିଥିଲେ ମଧ ବ୍ୟବସାୟୀ ଓ ସେଠାରେ ଏକତ୍ର ହୋଇଥିବା ଅନ୍ୟମାନେ ତାହା ଶୁଣି ନ ଥିଲେ। ତେବେ ପରିସ୍ଥିତି ବିଗିଡ଼ିବା ପୂର୍ବରୁ କର୍ମଚାରୀମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ।

# ୧୫ ଭରି ସୁନା, ନଗଦ ଟଙ୍କା ନେଇଗଲେ ଦୁର୍ବୃତ୍ତ

ତାଳଚେର,୨୫।୫(ନି.ପ୍ର.)

- ତାଳଚେରରେ ବଢ଼ୁଛି ଚୋରି, ଅସାମାଜିକଙ୍କ ଦୌରାତ୍ମ୍ୟ
- ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ବ୍ଲକବାସୀ
- ପଦକ୍ଷେପ ନିଆ ନ ଗଲେ ହେବ ଆନ୍ଦୋଳନ

ଅନୁଗୋଳ ଜିଲା ତାଳଚେରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ଲକର ବିଭିନ୍ନ ଥାନା ଅଞ୍ଚଳରେ ଘନ ଘନ ଚୋରି, ଲୁଟ୍ ଓ ଅସାମାଜିକଙ୍କ ଦୌରାତ୍ମ୍ୟ ଲୋକଙ୍କ ଚିନ୍ତାର କାରଣ ହୋଇଛି। ଗତ କିଛି ମାସ ହେଲା ଚୋରି ଘଟଣା ବଢ଼ିବାରେ ଲାଗିଥିଲେ ମଧ ଦୁର୍ବୃତ୍ତମାନଙ୍କୁ କାବୁ କରିବାରେ ପୋଲିସ ଏକପ୍ରକାର ବିଫଳ ହୋଇଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ସୋମବାର ଅପରାହ୍ନରେ ବିକ୍ରମପୁର ଥାନା କଳିଙ୍ଗ କଲୋନୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଘର ମାଲିକ ଥିଲେ ମଧ ଦୁର୍ବୃତ୍ତମାନେ ଘରେ ପଶି ୧୫ ଭରି ଓଜନର ସୁନା ଅଳଙ୍କାର ଓ ନଗଦ ୫୨ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, କଳିଙ୍ଗ କଲୋନୀର କ୍ୱାର୍ଟର୍ସ ନଂ. ବି/୧୯୯ରେ ଭରତପୁର ପ୍ରୋଜେକ୍ଟର ଡମ୍ପର ଅପରେଟର ପ୍ରମୋଦ କୁମାର ମହାନ୍ତି ରହୁନ୍ତି। ସୋମବାର ସେ ଘରେ ଶୋଇଥିବା ବେଳେ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ରୋଷେଇ ଘର କବାଟ ତାଡ଼ି ଆଲମିରାରେ ଥିବା ୧୫ ଭରି ଓଜନର ସୁନାଗହଣା ଓ ୫୨ ହଜାର ଟଙ୍କା ନେଇଯାଇଥିଲେ। ଏଥିସହ ପ୍ରମୋଦ ଶୋଇଥିବା ରୁମ୍‌କୁ ବାହାରୁ ବନ୍ଦ କରି ଫେରାର ହୋଇଯାଇଥିଲେ। ଏ ନେଇ ପ୍ରମୋଦ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ମଙ୍ଗଳବାର ତାଳଚେର ଥାନାର ରେମୁଁଆ ବାଇପାସ ଛକ ନିକଟରୁ ରୁପା ବ୍ୟବସାୟୀ ବୁଲୁ ନାୟକଙ୍କୁ ଖଣ୍ଡାରେ ଆକ୍ରମଣ କରି ଦୁର୍ବୃତ୍ତମାନେ ୩ କେ.ଜି. ରୁପା, ୧୦ କେ.ଜି. ଗିଲଟି ରୁପା ଓ ଅଳଙ୍କାର ନେଇ ପଳାଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ସପ୍ତାହରେ ମଙ୍ଗଳା ମନ୍ଦିର ନିକଟରୁ ଏକ ବାଇକ୍ ଡିକି ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା ଲୁଟ ହୋଇଥିଲା। କିଛି ମାସ ତଳେ କଳିଙ୍ଗା କଲୋନୀରେ ରହୁଥିବା ଜଣେ ଡାକ୍ତରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିଲା। ଜଣେ ଅଧିକାରୀଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ଅସାମାଜିକ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ। ଭରତପୁର ନେହେରୁ ଶତାବ୍ଦୀ କଲୋନୀରୁ ମଧ ଚୋରି ହୋଇଥିଲା। ଏପରି ଚୋରି, ଲୁଟ୍ ନେଇ ଥାନାରେ ମାମଲା ଗଡ଼ି ଚାଲିଥିଲେ ବି ପୋଲିସ ଅପରାଧୀଙ୍କ ନିକଟରେ ପହଞ୍ଚିପାରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଆଇଜିଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଆପରାଧିକ କାର୍ଯ୍ୟକଳାପ ବଢୁଥିବାରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ତାଳଚେରବାସୀ ଚେତାବନୀ ଦେଇଛନ୍ତି।

# ବ୍ଲକ ଉପାଧ୍ୟକ୍ଷାଙ୍କ ନୂଆ କାର୍ଯ୍ୟାଳୟ

କଣିହାଁ,୨୫।୫(ଡି.ଏନ.ଏ.)

କଣିହାଁ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ବୁଧବାର ବ୍ଲକ ପରିସରରେ ଅଫିସ ଖୋଲିଛନ୍ତି। ବ୍ଲକ ପ୍ରଶାସନ ଏଥିରେ ସହଯୋଗ କରିଥିବାବେଳେ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କେତେଜଣ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ, ବିଧାୟକଙ୍କ ଅଫିସିଆଲ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷା କହିଛନ୍ତି, ନିଜସ୍ୱ କାର୍ଯ୍ୟାଳୟ ରହି ଜନସାଧାରଣଙ୍କ ସମସ୍ୟା ବୁଝିବି। ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରିବାରେ ବ୍ଲକ ପ୍ରଶାସନକୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ବହୁ ଯୋଜନା ଲୋକଙ୍କୁ ସ୍ୱାବଲମ୍ବୀ କରିଛି। ମହିଳା ଗୋଷ୍ଠୀଙ୍କ ସମସ୍ୟା ସହିତ ମିଶନ ଶକ୍ତିକୁ ସୁଦୃଢ଼ କରିବାରେ ଏମ୍‌ପି, ବିଧାୟକ, ଅଧ୍ୟକ୍ଷଙ୍କ ପରାମର୍ଶ ନେଇ ଅଗ୍ରାଧିକାର ଦେବି ବୋଲି ଉପାଧ୍ୟକ୍ଷା ପ୍ରକାଶ କରିଥିଲେ।




ନୂଆ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପାଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

# ପାଣି ପମ୍ପ୍ ଚୋରି ଅଭିଯୋଗ

କଣିହାଁ,୨୫।୫(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମ ଶିବମନ୍ଦିର ପରିସର ଗୋଦାମ ଗୃହରୁ ୪ଟି ପାଣି ପମ୍ପ୍ ଚୋରି ହୋଇଛି। ଏ ନେଇ ରେଙ୍ଗାଳି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଡା. ନିରଞ୍ଜନ ସାମଲ ରେଙ୍ଗାଳି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗ୍ରାମର ଉଠା ଜଳସେଚନ ପ୍ରକଳ୍ପର ୧୫ ହର୍ସ ପାୱାର ବିଶିଷ୍ଟ ୪ଟି ପାଣି ଉଠା ପମ୍ପ୍ ଶିବମନ୍ଦିର ପରିସର ଗୋଦାମ ଗୃହରେ ରଖାଯାଇଥିଲା। ଗତ ୨୨ ତାରିଖ ରାତିରେ ଗୋଦାମଗୃହ ଗେଟ୍ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ପମ୍ପଗୁଡ଼ିକ ଚୋରି କରିନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହି ଘଟଣାକୁ ୨ ଦିନ ବିତିଯାଇଥିଲେ ମଧ ପୋଲିସ ଦୁର୍ବୃତ୍ତଙ୍କ ସନ୍ଧାନ ପାଇପାରିନାହିଁ।

# କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି



ରାଜା କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ତାଳଚେର,୨୫।୫(ନି.ପ୍ର.)

ତାଳଚେର ଫର୍ଟିଲାଇଜର (ଟିଏଫ୍ଏଲ୍) ପକ୍ଷରୁ ବୁଧବାର ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତିରୋଧାନ ଦିବସ ଅବସରରେ ଟାଉନଶିପସ୍ଥିତ ରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟିଏଫ୍ଏଲ୍ ମହାପ୍ରବନ୍ଧକ (ପ୍ରକଳ୍ପ ନିର୍ମାଣ) ବଳବନ୍ତ ଗୋସାଇଁ, ମହାପ୍ରବନ୍ଧକ (ପ୍ରକଳ୍ପ) ସତ୍ୟବ୍ରତ ମିଶ୍ର, ସିଆଇଏସ୍ଏଫ୍ ଅତିରିକ୍ତ କମାଣ୍ଡାଣ୍ଟ କିଶୋର କୁମାର ପାତ୍ର ତଥା ଟିଏଫ୍ଏଲ୍, ସିଆଇଏସ୍ଏସ୍ ଓ ସୁରକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କ ଦକ୍ଷତା ଉପରେ ତାଲିମ ଶିବିର

ବଇଣ୍ଡା,୨୫।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଁଳାବେରେଣୀ, ଅଶ୍ରୁବାହାଳ, ଲୁହାମୁଣ୍ଡା, ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ଶିଶୁମାନଙ୍କ ଦକ୍ଷତା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନ, ଜାମୁନାଳି କ୍ଲଷ୍ଟରର ସିଆର୍‌ସିସି ପ୍ରତାପ ଚନ୍ଦ୍ର ପ୍ରଧାନ, ଧନେଶ୍ୱର ପ୍ରଧାନ, ସାଗର ପ୍ରଧାନ, ପ୍ରଦୋଷ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ୨୫ଟି ଗ୍ରାମରେ ଗଠନ ହୋଇଥିବା ଶିଶୁ ସଂଘରୁ ୮୦ ଜଣ ଅଂଶଗ୍ରହଣ କରିଥିଲେ। ଏଥିସହ ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟ ମନୋଜ ମହାପାତ୍ର ଯୋଗଦେଇ ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। ରଞ୍ଜିତା ଧଳ, ଅଭୟ ଚରଣ ସ୍ୱାଇଁ, ଅଭୟ ସ୍ୱାଇଁ, ଅଭିଷେକ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ଅଂଶଗ୍ରହଣ କରିଥିବା ଶିଶୁ ଓ ଅନ୍ୟମାନେ।

# ଦିନକରେ କଟାଗଲା ୨୭୭ ଚାଲାଣ

ଅନୁଗୋଳ ଅଫିସ, ୨୫।୫

- କଠୋର ହେଲା ଅନୁଗୋଳ ପରିବହନ ବିଭାଗ
- ୫୩ ଚାଳକଙ୍କ ଲାଇସେନ୍ସ ରଦ୍ଦ, ୪ ଟ୍ରକ୍ ସିଜ୍

ଅନୁଗୋଳ ଜିଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢୁଛି। ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ, ଦୈନିକ ଦୁର୍ଘଟଣାରେ ଏକାଧିକ ଲୋକଙ୍କ ଜୀବନହାନି ଘଟୁଛି। ସଡ଼କ ସୁରକ୍ଷା ନିୟମ ପାଳନ କରାଯାଉ ନ ଥିବାରୁ ଦୁର୍ଘଟଣା ସଂଖ୍ୟାରେ ବୃଦ୍ଧି ପରିଲକ୍ଷିତ ହେଉଥିବା ଅଭିଯୋଗ ପରେ ଏବେ କଠୋର ଆଭିମୁଖ୍ୟ ଦେଖାଇଛି ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ। ବୁଧବାର ଜିଲାର ବିଭିନ୍ନ ସ୍ଥାନରେ ଗାଡ଼ି ଚେକିଂ କରାଯାଇ ୨୭୭ ଜଣ ଚାଳକଙ୍କ ନାମରେ ଚାଲାଣ କଟାଯାଇଛି। ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବା ଅଞ୍ଚଳିକ ପରିବହନ ଅଧିକାରୀ ବିଭବ ସାମନ୍ତସିଂହ ରାୟ ସୂଚନା ଦେଇଛନ୍ତି।



ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସ୍ପେଶାଲ ଡ୍ରାଇଭ କରାଯାଇଥିଲା। ଜିଲାରେ ବିଭିନ୍ନ ସ୍ଥାନରେ ଚେକିଂ ମାଧ୍ୟମରେ ଦୁଇ ଚକିଆ ଠାରୁ ଆରମ୍ଭ କରି ଟ୍ରକ୍ ଚାଳକଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ବିଶେଷକରି ହେଲମେଟ୍ ପିନ୍ଧି ନ ଥିବା, ମଦ୍ୟପାନ କରି ଗାଡ଼ି ଚଳାଉଥିବା, ବାଇକ୍‌ରେ ୩ ଜଣିଆ ଯାତ୍ରା ଓ ନାବାଳକଙ୍କ ଗାଡ଼ି ଚାଳନା ଉପରେ ଅଧିକ ଦୃଷ୍ଟି ଦିଆଯାଇଥିଲା। ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ସହରାଞ୍ଚଳ ରାସ୍ତାରେ ଏହି ଯାଞ୍ଚ କରାଯାଇଥିଲା। କେବଳ ସହର ମଧ୍ୟରେ ଚେକିଂ ବେଳେ ୩୬ ଜଣ ଗାଡ଼ି ଚାଳକଙ୍କ ନାମରେ ଚାଲାଣ କଟାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ବିନା ହେଲମେଟରେ ଯାଉଥିବା ୨୦୨ ଜଣ ଧରାପଡ଼ିଥିଲେ। ବାଇକ୍‌ରେ ୩ ଜଣିଆ ଯାତ୍ରା କରୁଥିବା ଅଭିଯୋଗରେ ୧୭ ଜଣ ଚାଳକଙ୍କୁ ଜରିମାନା କରାଯାଇଥିଲା। ୫୩ ଜଣ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ମଦ୍ୟପାନ କରି ଡ୍ରାଇଭିଂ ଯୋଗୁ ୪ଟି ଟ୍ରକ୍ ସିଜ୍ କରାଯାଇଥିଲା। ପରିବହନ ଅଧିକାରୀ ବିଭବ ସାମନ୍ତସିଂହ ରାୟ କହିଛନ୍ତି, ୫୩ଜଣ ଚାଳକଙ୍କ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ଡ୍ରାଇଭରଙ୍କ ଉପରେ ସେଶାଲ ଡ୍ରାଇଭ କରାଯିବ।

## ସଂକ୍ଷେପରେ

### ବ୍ରାହ୍ମଣୀ ଭଉଁରିରେ ପଡ଼ି ଛାତ୍ର ମୃତ



ସାତମାଇଲ୍, ୨୫।୫ (ଡି.ଏନ୍.ଏ.): ସାଙ୍ଗସାଥୀଙ୍କ ସହ ମିଶି ଗାଧୋଇବାକୁ ଯାଇଥିଲେ ବ୍ରାହ୍ମଣୀ ନଦୀକୁ। ଗାଧୋଉ ଗାଧୋଉ ଅସାବଧାନତାବଶତଃ ଚାଲିଗଲେ ଗଭୀର ପାଣି ଭିତରକୁ ଆଉ ଚାହୁଁ ଚାହୁଁ ପଡ଼ିଗଲେ ଭଉଁରିରେ। ଏଥିରେ ବୁଡ଼ିଯାଇ ଚାଲିଯାଇଛି ଜଣେ ଛାତ୍ରଙ୍କ ଜୀବନ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଧଳପୁର ଗ୍ରାମରେ ବୁଧବାର ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ ହେମନ୍ତ ରାଉତଙ୍କ ଏକମାତ୍ର ପୁଅ ଚିନ୍ମୟ ଓରଫ ବିକି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବିକି ସ୍କୁଲରୁ ଫେରିବା ପରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିଲା। ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିବା ବେଳେ ପରିବାର ଲୋକଙ୍କ ସହାୟତାରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ବିକିଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବିକି ଗ୍ରାମ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପାଠ ପଢୁଥିଲେ। ତାଙ୍କ ମୃତ୍ୟୁରେ ସହପାଠୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

### ନଦୀ କଇଁଛଙ୍କ ସୁରକ୍ଷାକୁ ଅଗ୍ରାଧିକାର

**ଢେଙ୍କାନାଳ ଅଫିସ, ୨୫।୫:** ଢେଙ୍କାନାଳ ଆୱାର୍ଡ ପରିବାର ପକ୍ଷରୁ ବ୍ରାହ୍ମଣୀ ନଦୀ ସଂଲଗ୍ନ ରାଧାଦେଇପୁର ଗ୍ରାମରେ ବୁଧବାର ବିଶ୍ୱ କଇଁଛ ଦିବସ ପାଳିତ ହୋଇଯାଇଛି। ବ୍ରାହ୍ମଣୀ ନଦୀରେ ରହୁଥିବା କଇଁଛଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବା ଲାଗି ଯଥାସାଧ ଉଦ୍ୟମ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଶ୍ୱରେ ୧୧ ପ୍ରଜାତିର ମଧୁର ଜଳ କଇଁଛ ଦେଖାଯାଉଥିବା ବେଳେ ବ୍ରାହ୍ମଣୀ ନଦୀର ୬ ପ୍ରକାର କଇଁଛ ରହୁଛନ୍ତି। ପରିବେଶ ସନ୍ତୁଳନରେ ଏମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ଆୱାର୍ଡ ପକ୍ଷରୁ ୨୦୧୪ରେ କଇଁଛଙ୍କ ପ୍ରଜନନ ସ୍ଥଳୀ ଚିହ୍ନଟ କରାଯାଇଛି। ବନ ବିଭାଗ ସହଯୋଗରେ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ମଧୁର ଜଳର ସୁରକ୍ଷା ନିମନ୍ତେ କଇଁଛଙ୍କ ବଂଶବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ବୋଲି ସମାବେଶରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ରାଧାମୋହନ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବିଜୁଳି ମଲିକ, ସମ୍ପାଦକ ପେଚି ମଲିକ, ରବି ମଲିକ, ମାନସ ମଲିକ, ବିକ୍ରମ, ଟୁଟୁ, ପ୍ରମିଳା ମଲ୍ଲିକ, ଶୈଳ ମଲିକ, କାଜଲ୍ ମଲିକ, ଟୁନି ମଲିକ, ବାଟୋଇ ମଲିକ, ଟୁନି ମଲିକ, ଅନନ୍ତ ମଲିକ ପ୍ରମୁଖ ପରିଚାଳନା କରିଥିଲେ। ଜଗନ୍ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ପାରିବାରିକ କଳହରୁ ଜୀବନ ହାରିଲେ ମହିଳା

**କାମାକ୍ଷାନଗର, ୨୫।୫(ଡି.ଏନ୍.ଏ.):** ଜରୁରୀ କାମ ଅଛି ବୋଲି କହି ମଙ୍ଗଳବାର ସନ୍ଧ୍ୟା ୫ଟାରେ ଘରୁ ବାହାରି ଯାଇଥିଲେ। ଏହାର ପାଖାପାଖି ୧୯ ଘଣ୍ଟା ପରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗାଁ ନିକଟରୁ ଝୁଲନ୍ତା ଅବସ୍ଥାରେ ମିଳିଲା ମୃତଦେହ। ଦାମ୍ପତ୍ୟ ଜୀବନରେ ଉଠିଥିବା ଝଡ଼ରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ରଙ୍ଗମାଟିଆ ଗ୍ରାମର ଶଶିଭୂଷଣ ମହାନ୍ତଙ୍କ ସ୍ତ୍ରୀ ମମିତା (୨୬)। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଶାଶୂ ଘର ଲୋକଙ୍କ କହିବା କଥା, ମଙ୍ଗଳବାର ସନ୍ଧ୍ୟାରେ ମମିତା ଘରୁ ବାହାରିଯାଇ ଦୀର୍ଘ ସମୟ ଯାଏ ଫେରି ନ ଥିଲେ। ସାରା ରାତି ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ଅପରାହ୍ନରେ କେତେଜଣ ଛେଳି ଚରାଳି ଗାଁ ନିକଟ ଗଛରେ ତାଙ୍କର ମୃତଦେହ ଝୁଲୁଥିବା ଦେଖି ସୂଚନା ଦେଇଥିଲେ। ଏହାପରେ ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଥାନାଧିକାରୀ ନିର୍ମଳା ଗୋଛାୟତ କୁହନ୍ତି, ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

# ବଦଳିବ ୪୦୦୦ ପୋଖରୀ କଳେବର

- ୩ରେ ଲୋକାର୍ପଣ ହେବ ୧୦୫ ରୂପାନ୍ତରିତ ବିଦ୍ୟାଳୟ
- ଯୋଜନାର ସଫଳ ରୂପାୟନକୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ



ବୈଠକରେ ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳ ଜିଲାର ପୁରାତନ ପୋଖରୀଗୁଡ଼ିକ ମଧ୍ୟରୁ ଅଧିକାଂଶ ପରିତ୍ୟକ୍ତ ହୋଇପଡ଼ିଛି। କେଉଁଠି ପାଣି ନାହିଁ ତ ଆଉ କେଉଁଠି ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଜିଲାରେ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାବେଳେ ଖରାଦିନେ ଉତ୍କଟ ଜଳ ସମସ୍ୟା ସୃଷ୍ଟି ହେଉଛି। ଜଳସ୍ତର ବୃଦ୍ଧି ନିମନ୍ତେ ଜଳଶକ୍ତି ଅଭିଯାନରେ ପ୍ରାୟ ୪୦୦୦ ପୋଖରୀର ଉନ୍ନତୀକରଣ କରାଯିବ। ଏଥିସହ ଅମୃତ ସରୋବର ଯୋଜନାରେ ୭୫ଟି ଜଳାଶୟ ଖୋଳାଯିବ। ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି।

ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଯୋଜନାର ସଫଳ ରୂପାୟନ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ମିଳିତ ଉଦ୍ୟମ ହେଲେ ଢେଙ୍କାନାଳ ରାଜ୍ୟର ଅଗ୍ରଣୀ ଜିଲାରେ ପରିଣତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, '୫-ଟି' ବ୍ୟବସ୍ଥାରେ ଜିଲାର ୧୦୫ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ଜୁନ୍ ୩ରେ ଏଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମୋଡ୍‌ରେ ଉଦ୍‌ଘାଟନ କରିବେ। ମହିଷାପାଟସ୍ଥିତ ଆଦର୍ଶ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଜିଲାର ସାକ୍ଷରତା ହାର ୯୦%କୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରତି ଶିକ୍ଷକ ଜଣେ ନିରକ୍ଷରଙ୍କୁ ସାକ୍ଷର କରିବାରେ ସହଯୋଗ କରୁଛନ୍ତି। ଅଙ୍ଗନୱାଡି କର୍ମୀ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି। ଶିଶୁ, କିଶୋରୀ, କିଶୋରଙ୍କ ବିକାଶ ଲାଗି ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲାଗି ପ୍ରତି ପଞ୍ଚାୟତରେ ଗୋଟିଏ ଆଦର୍ଶ ପୋଖରୀ, ଚଉଡ଼ା ରାସ୍ତା, ରୁରାଲ ପାର୍କ ନିର୍ମାଣ କରାଯାଉଛି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ହେଲ୍‌ପ ଡେସ୍କ କାମ କରୁଛି। ଏହାର ଟୋଲ୍ ଫ୍ରି ନମ୍ବର ୧୦୪ ରଖାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ଏଠାରୁ ଆବଶ୍ୟକ ସହାୟତା ପାଇପାରିବେ ବୋଲି ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ କହିଛନ୍ତି। ଜନପ୍ରତିନିଧିଙ୍କ ବୈଷୟିକ ଜ୍ଞାନ ବୃଦ୍ଧି ଲାଗି ବ୍ଲକ କାର୍ଯ୍ୟାଳୟରେ କମ୍ପ୍ୟୁଟର ପ୍ରଶିକ୍ଷଣ ଦିଆଯିବ। ହିନ୍ଦୋଳ ବ୍ଲକ ବାବନ୍ଧରେ ଥିବା ରାଜ୍ୟର ଏକମାତ୍ର ସରକାରୀ ଗୋଶାଳା ବ୍ୟବସ୍ଥିତ କରାଯିବାକୁ ଯୋଜନା ରହିଛି। ଏହି ଅବସରରେ ଆବାସ ଯୋଜନାର ଅଗ୍ରଗତି, ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇ ରୋଜଗାର ବୃଦ୍ଧି, ଅଧିକ ଶ୍ରମ ଦିବସ ସୃଷ୍ଟି, ଏସ୍‌ଏଚ୍‌ଜିକୁ କ୍ରିୟାଶୀଳ କରାଇବା, ଘରେ କମ୍ପୋଷ୍ଟ ପିଟ୍ ତିଆରି କରିବା ଆଦି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ସମସ୍ତ ବ୍ଲକର ବିଡିଓଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ସୋହନଙ୍କୁ ଡାକସେବା ଆୱାର୍ଡ

ଢେଙ୍କାନାଳ ଅଫିସ, ୨୫।୫



ସୋହନଙ୍କୁ ସମ୍ମାନିତ କରାଯାଉଛି।

କରୋନା ମହାମାରୀ ସମୟରେ ନିଃସ୍ୱାର୍ଥପର ସେବା ମନୋଭାବର ପରିଚୟ ଦେଇ ପୁରସ୍କୃତ ହୋଇଛନ୍ତି ଢେଙ୍କାନାଳ ମୁଖ୍ୟ ଡାକଘରର ପୋଷ୍ଟମ୍ୟାନ୍ ସୋହନ କୁମାର ମାହୁନ୍ତ। ଗତ ୧୮ ତାରିଖରେ ପୁରୀର ଏକ ହୋଟେଲରେ ଆୟୋଜିତ 'ଓଡ଼ିଶା ପୋଷ୍ଟାଲ ସର୍କଲ ଆୱାର୍ଡ' ଉତ୍ସବରେ ତାଙ୍କୁ ଡାକସେବା ଆୱାର୍ଡରେ ସମ୍ମାନିତ କରାଯାଇଛି। ଓଡ଼ିଶା ସର୍କଲ ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ ଶୁଭେନ୍ଦୁ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋହନଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପୁରୀ ସୁପେରିଟେଣ୍ଡେଣ୍ଟ ବିପିନ ବିହାରୀ ମହାନ୍ତି ଉପସ୍ଥିତ ଥିଲେ। କରୋନା ଲକ୍‌ଡାଉନ୍ ସମୟରେ ଜମାକାରୀଙ୍କୁ ହାତପାଆନ୍ତାରେ ସେବା ଯୋଗାଇ ଦେବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ସୋହନ ଘରଘର ବୁଲି ବର୍ଷକ ମଧ୍ୟରେ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ମାଧ୍ୟମରେ ୪,୫୦୦ ଗ୍ରାହକଙ୍କୁ ସେବା ଯୋଗାଇ ଦେଇଥିଲେ। ମହାମାରୀ ସମୟରେ ଜୀବନ ବିପଦରେ ପଡ଼ିଥିବାବେଳେ ସୋହନଙ୍କ ଏଭଳି କାର୍ଯ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। କେବଳ ଏତିକି ନୁହେଁ, ଡାକ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦରେ ଅଂଶଗ୍ରହଣ କରି ସେ ପୁରସ୍କୃତ ହୋଇଛନ୍ତି।

# ଖଞ୍ଜଣି ଭଜନରେ କମ୍ପିଲା ପରିବେଶ

## ଅମଲାପଡ଼ା ଟୁଙ୍ଗିରେ ମହିମା ମେଳା

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳ ସହର ବସଷ୍ଟାଣ୍ଡ ଅମଲାପଡ଼ାସ୍ଥିତ ୧୧୦ ବର୍ଷ ପ୍ରାଚୀନ ମହିମା ଟୁଙ୍ଗିରେ ସୋମବାର ମହାସମାରୋହରେ ମହିମା ମେଳା ପାଳିତ ହୋଇଯାଇଛି। ଅନୁଗାମୀ ପ୍ରସନ୍ନ ମହାପାତ୍ରଙ୍କ ବିୟୋଗର ମାସପୂର୍ତ୍ତି ଅବସରରେ ଏହାର ଆୟୋଜନ କରାଯାଇଥିଲା। ଖଞ୍ଜଣି ଭଜନରେ ଟୁଙ୍ଗି ପରିସର ପ୍ରକମ୍ପିତ ହୋଇ ଉଠିଥିବାବେଳେ ବହୁ ସାଧୁସନ୍ନ୍ୟାସୀ, ଅନୁଗାମୀ ଯୋଗଦେଇଥିଲେ।

ବଡ଼ କୃପାସିନ୍ଧୁ ବାବାଙ୍କ ଦ୍ୱାରା ଏହି ଟୁଙ୍ଗି ପ୍ରତିଷ୍ଠା ହୋଇଥିଲା। ୬୪ ମହିମା ସିଦ୍ଧସନ୍ନ୍ୟାସୀଙ୍କ ମଧ୍ୟରୁ ସିଦ୍ଧ ରଘୁବର ବାବାଙ୍କ ଭେକ ଓ ବେତବାଡ଼ି ସୁରକ୍ଷିତ ଭାବେ ରହିଛି। କୌପିନୀଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ନେତୃତ୍ୱରେ ଅଭୟ ବାବା, ଜ୍ଞାନୀ ବାବା, କରୁଣାକର ବାବା, ସଦାନନ୍ଦ ବାବା, ତ୍ୟାଗୀ କନ୍ଦର୍ପ ଦାସ, ପରମାନନ୍ଦ ଦାସ ପ୍ରମୁଖ ଟୁଙ୍ଗି ସମ୍ମୁଖରେ ବ୍ରହ୍ମଧୁନି ସଂସ୍ଥାପନ କରି ବିଶ୍ୱକଲ୍ୟାଣ କାମନା କରିଥିଲେ। ମେଳା ଉପଲକ୍ଷେ ସ୍ୱତନ୍ତ୍ର ଭାବେ ଅଖଣ୍ଡବତି ପ୍ରଜ୍ୱଳନ କରାଯାଇଥିଲା। ଜହ୍ନିତଇଲା, ବାରଦା, ଡାହିମାଳ, ଓଡ଼ାପଡ଼ା ବ୍ଲକ୍ ଗୋପାଳପୁରର ଖଞ୍ଜଣି ଭଜନମଣ୍ଡଳୀ ଯୋଗଦେଇଥିଲେ। ନଠୁଆରୁ ଆସିଥିବା ମହିଳା ମହିମା ଖଞ୍ଜଣି ଭଜନ ଦଳର ଜୟନ୍ତୀ ବାରିକ୍, ସୁଷମା ଦେହୁରୀ ମନଛୁଆଁ ଭଜନ ଗାନ କରିଥିଲେ। ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଭକ୍ତ ପ୍ରଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ମଙ୍ଗଳବାର ପ୍ରାତଃ ସମୟରେ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅହ୍ଲଣିଆ ଅର୍ପଣ ପୂର୍ବକ ବ୍ରହ୍ମଧୁନି ନିର୍ବାପିତ କରାଯାଇଥିଲା।



ମହିଳା ମହିମା ଖଞ୍ଜଣି ଭଜନ ଦଳର ସଦସ୍ୟମାନେ ଭଜନ ପ୍ରରିବେଷଣ କରୁଛନ୍ତି।

# ଗ୍ରୀଷ୍ମକାଳୀନ ଆତ୍ମରକ୍ଷା କର୍ମଶାଳା ଆରମ୍ଭ

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳର ଅଗ୍ରଣୀ ସମରକଳା ଅନୁଷ୍ଠାନ 'ଆମେଚର ଟାଏକୋଣ୍ଡୋ ଆସୋସିଏଶନ'ର ଗୁରୁଦେବଜୀ ଗୁରୁକୁଳ ପକ୍ଷରୁ ୮ ଦିନିଆ ନିଃଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ତହସିଲ କାର୍ଯ୍ୟାଳୟ ସମ୍ମୁଖ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ବରଦା ପ୍ରସାଦ ନନ୍ଦ, ଶକ୍ତି ବାହିନୀ ସମ୍ପାଦିକା ଶିବାନୀ ସାମଲ, ଅଭିଭାବକ ସଂଘ ସଂଯୋଜକ ରୁଦ୍ରନାରାୟଣ ଶତପଥୀ, ଅନୁଷ୍ଠାନର ପ୍ରତିଷ୍ଠାତା ମାଷ୍ଟର ସୌମ୍ୟବ୍ରତ ସାହୁ ଉପସ୍ଥିତ ଥିଲେ। ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ବିଭିନ୍ନ ଦିବସରେ ସେମାନଙ୍କୁ କ୍ରୀଡ଼ା, ଆତ୍ମରକ୍ଷା କୌଶଳ, ବ୍ୟାୟାମ, ଯୋଗ, ଟାଏକୋଣ୍ଡୋ, ସ୍କେଟିଂ, ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ଅଭିନୟ, ନୃତ୍ୟସଙ୍ଗୀତ, ଦକ୍ଷତା ବିକାଶ, ମାନସିକ ବିକାଶ ବିଷୟରେ ପ୍ରଶିକ୍ଷଣ ଦିଆଯିବ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ପୁରସ୍କୃତ ହେବେ। ପ୍ରଶିକ୍ଷକ ଇନ୍ଦ୍ରଜିତ ସାହୁ, ପ୍ରତାପ ନାଏକ, ରବୀନ୍ଦ୍ର ପରିଡ଼ା ପ୍ରମୁଖ ପ୍ରଶିକ୍ଷଣ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।

# 'ଋଣ ପ୍ରଦାନକୁ ଅଗ୍ରାଧିକାର ଦିଅ'




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳ ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଲିଡ୍ ବ୍ୟାଙ୍କ ଅଫିସ ପକ୍ଷରୁ ଜିଲା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଅଗ୍ରାଧିକାର ଭିତ୍ତିରେ ଋଣ ପ୍ରଦାନ କରିବାକୁ ଜିଲାପାଳ ବ୍ୟାଙ୍କର୍ସମାନଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରାମୀଣ କ୍ଷେତ୍ରରେ ଆତ୍ମନିଯୁକ୍ତିକୁ ପ୍ରାଧାନ୍ୟ, ଗ୍ରାମାଞ୍ଚଳରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ, ଏହାର ମାର୍କେଟିଂକୁ ସୁବ୍ୟବସ୍ଥିତ କରିବାକୁ ଆଲୋଚନା ହୋଇଛି। ଗରିବ ଲୋକଙ୍କ ଜୀବନଜୀବିକା ଉପରେ ଗୁରୁତ୍ୱ ଦେଇ ସେମାନଙ୍କୁ ବିଭିନ୍ନ ଚାଷ, ମାଛଚାଷ, ଛତୁଚାଷ, କୁକୁଡ଼ା, ଛେଳି, ଗୋ-ପାଳନ ଲାଗି ଅଧିକରୁ ଅଧିକ ଋଣ ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ଆତ୍ମନିଯୁକ୍ତି ଯୋଜନାରେ ୫୩୮ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩୨୯ଜଣଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଜିଲାରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ନ ଥିବା ଅଞ୍ଚଳରେ ବ୍ୟାଙ୍କ ଖୋଲାଯାଇ ସେବା ପ୍ରଦାନ କରାଯିବ। କୃଷି ଭିତ୍ତିଭୂମିର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସବୁପ୍ରକାର ଋଣ ପ୍ରଦାନ କରାଯାଉଛି ବୋଲି ୟୁକୋ ବ୍ୟାଙ୍କ ଲିଡ୍ ଡିଷ୍ଟ୍ରିକ୍ ମ୍ୟାନେଜର ସନୋଜ କୁମାର ସିଂ ସୂଚନା ଦେଇଥିଲେ। ବୈଠକରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପାଧ୍ୟକ୍ଷା ବିଳାସିନୀ ସେଠୀ, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କାମାକ୍ଷାନଗର, ୨୫।୫(ଡି.ଏନ୍.ଏ.)



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

କାମାକ୍ଷାନଗର ବ୍ଲକ ଜନ୍ତାରିବୋଲସ୍ଥିତ ଆଦର୍ଶ ବିଦ୍ୟାଳୟରେରେ ସ୍ୱାଗତ ଦିବସ ପାଳିତ ହୋଇଯାଇଛି। ନବାଗତ ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ପିଲାମାନେ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷା ପ୍ରଜ୍ଞାପାରମିତା ମଲ୍ଲିକ ନବାଗତଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଉପଲକ୍ଷେ ନୃତ୍ୟ, ସଙ୍ଗୀତ, କମେଡି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସ୍ନେହଲତା ନାଥ, ପ୍ରିୟସ୍ମିତା ହୋତା, ପ୍ରୀତିପ୍ରଜ୍ଞା ସାହୁ, ବିଶ୍ୱନନ୍ଦିନୀ ପଟ୍ଟନାୟକ, ଶୁଚିସ୍ମିତା ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ୨ବର୍ଷ ପରେ ବିଦ୍ୟାଳୟରେ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ର ଉପଭୋଗ କରିଥିଲେ। ଶୁଭରଞ୍ଜନ ଆଚାର୍ଯ୍ୟ, ଲକ୍ଷ୍ମୀଧର ଦାସ, ଅଭିସ୍ମିତା ସାହୁ, ରଞ୍ଜିତ୍ ସାହୁ, ଜୁଲିଆଞ୍ଜଳି ବାଖଲା, ଶର୍ମିଷ୍ଠା ପରିଡା, କବିତା ଚୌହାନ, ଲକ୍ଷ୍ମୀପ୍ରିୟା ନାୟକ, ଶ୍ରୀକାନ୍ତ ବର୍ମା, ଆଦିତ୍ୟ ସାହୁ, ସୁଜାତା ଦାସ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିବାବେଳେ ଲ୍ୟାବ ସହଯୋଗୀ ପ୍ରଦ୍ୟୁମ୍ନ କବି ସହଯୋଗ କରିଥିଲେ।

# 'ଗ୍ରାମ ଉନ୍ନତିରେ ଦେଶର ପ୍ରଗତି'

## ପଞ୍ଚାୟତ ସମିତି ବୈଠକ

କାମାକ୍ଷାନଗର, ୨୫।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗ୍ରାମାଞ୍ଚଳର ଅର୍ଥନୀତି ଏବଂ ବିକାଶ ଉପରେ ଦେଶର ପ୍ରଗତି ନିର୍ଭରଶୀଳ। ଜନ ପ୍ରତିନିଧିମାନେ ନିଜ ନିଜର ପଞ୍ଚାୟତର ଉନ୍ନତି ଉପରେ ଗୁରୁତ୍ୱ ଦେଲେ ବ୍ଲକର ସର୍ବାଙ୍ଗୀନ ବିକାଶ ହୋଇପାରିବ। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ ଭଳି ମୌଳିକ ସମସ୍ୟା ସୁଧାରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ କହିଲେ, ପଞ୍ଚାୟତର ଉନ୍ନତି ସମସ୍ତଙ୍କ ଦାୟିତ୍ୱ। ଏହାକୁ ଠିକ୍ ଭାବେ ନିର୍ବାହ କରିବାକୁ ସେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାମାକ୍ଷାନଗରକୁ ରାଜ୍ୟର ଏକ ନମ୍ବର ବ୍ଲକରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ବ୍ଲକ ଅଧ୍ୟକ୍ଷ କହିଛନ୍ତି।

ପ୍ରାରମ୍ଭରେ ବିଡିଓ ବିକାଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଆକାଉଣ୍ଟ ଅଫିସର ଧୀରେନ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଅନ୍ୟ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




ବୈଠକରେ ମନ୍ତ୍ରୀ, ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

# ବସ୍ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁରୁ ଲଙ୍କାକାଣ୍ଡ




କାମାକ୍ଷାନଗର, ୨୫।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ଜଡ଼ାପାଳ ନିକଟରେ ବୁଧବାର ଏକ ଦୁର୍ଘଟଣାକୁ ନେଇ ଲଙ୍କାକାଣ୍ଡ ଘଟିଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜାଳିଦେଇଛନ୍ତି। ଏହି ଘଟଣାକୁ ନେଇ ଦିନତମାମ ଉତ୍ତେଜନା ଲାଗି ରହିଥିଲା। ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ତୁମୁସିଙ୍ଗା ଥାନା ଶ୍ରୀମୂଳା ଗ୍ରାମର ମୁକୁନ୍ଦ ସାହୁ (୪୭) ତାଙ୍କ ସମ୍ପର୍କୀୟଙ୍କ ଘର ରେଙ୍ଗୁଳାରୁ ବାଇକ୍ (ନଂ. ଓଆର୍ ୦୬ ଜି ୯୫୧୬)ରେ ଅପରାହ୍ନରେ ଘରକୁ ଫେରୁଥିଲେ। ଏହି ସମୟରେ ଢେଙ୍କାନାଳରୁ କାମାକ୍ଷାନଗର ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ୍ ଗଣେଶ (ନଂ. ଓଆର୍ ୦୬ କେ ୦୫୪୦) ଜଡ଼ାପାଳ ନିକଟରେ ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମୁକୁନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଧୀରେ ଧୀରେ ଉତ୍ତେଜନା ବଢ଼ିଥିଲା। ସନ୍ଧ୍ୟା ବେଳେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀମାନେ ବସ୍‌ରେ ନିଆଁ ଲଗାଇଦେଇଥିଲେ। ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଥାନାଧିକାରୀ ସୁନୀଲ କୁମାର କର, ବିଡିଓ ବିକାଶ କୁମାର ମହାନ୍ତି, ରାଜସ୍ୱ ଅଧିକାରୀ ମଦନ ମୋହନ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା କରାଯାଇଛି। ତେବେ ଅଧିକ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମୁକୁନ୍ଦଙ୍କ ସମ୍ପର୍କୀୟ ଅଡ଼ି ବସିଥିଲେ। ଏହା ଉପଜିଲାପାଳଙ୍କ କ୍ଷମତା ବାହାରେ ଥିବାରୁ ସେ ଅସହାୟତା ପ୍ରକାଶ କରିଥିଲେ। ଏ ନେଇ ଜିଲାପାଳଙ୍କୁ ଅବଗତ କରାଇ ଅଧିକ ଅର୍ଥ ସହାୟତା ପ୍ରଦାନ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପଟେ ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା।



ଲୋକମାନେ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି।

